# ବାହୁଡ଼ା ତିଥିରେ ମୋତେ ବାହୁଡ଼ାଇ ନିଅ

ପ୍ରାଧ୍ୟାପକ ବିରଞ୍ଚି ନାରାୟଣ ଦାଶ

ଉତ୍କଳର ମୌଳିକ ଧର୍ମ କହିଲେ ଜଗନ୍ନାଥ ଧର୍ମକୁହିଁ ବୁଝାଏ । ଜଗନ୍ନାଥ ହେଉଛନ୍ତି ଏ ଦେଶର ଐତିହ୍ୟ, ପରମ୍ପରା, ଧର୍ମ ଓ ସଂସ୍କୃତିର ପ୍ରଧାନ ପ୍ରତୀକ । ସାଗର କୂଳରେ ଅବସ୍ଥିତ ଏହି ଦାରୁଦେବତା ଏ ଜାତି ପାଇଁ ପ୍ରେରଣାର ଉତ୍ସ ରୂପେ କେଉଁ ଅନନ୍ତ କାଳରୁ ରହି ଆସିଛନ୍ତି । ସେ ହେଉଛନ୍ତି ଶବର, ଦ୍ରାବିଡ଼ ଓ ଆର୍ଯ୍ୟମାନଙ୍କର ଦେବତା, ଯେଉଁମାନଙ୍କ ଦ୍ୱାରା ଉତ୍କଳୀୟ ତଥା ଭାରତୀୟ ସଂସ୍କୃତିର ବିବର୍ତ୍ତନ ଘଟିଛି । ତାଙ୍କ ନିକଟରେ ସର୍ବଧର୍ମର ସମନ୍ୱୟ ସମ୍ଭବ ହୋଇଛି । ସେ ଜୈନ, ବୌଦ୍ଧ, ଶୈବ, ଶାକ୍ତ, ବୈଷ୍ଣବ, ଶିଖ, ମୁସଲମାନ ଓ ଖ୍ରୀଷ୍ଟିୟାନ - ସମସ୍ତଙ୍କର ଆରାଧ୍ୟ ଦେବତା । ଏ ଦେବତାଙ୍କର ମହିମା କେବଳ ଭାରତ କାହିଁକି, ପୃଥିବୀର ବହୁ ଦେଶକୁ ପରିବ୍ୟାପ୍ତ ହୋଇଛି ।

କ୍ଷେତ୍ରରାଜ ନୀଳାଚଳ ଧାମ ଓ ଶ୍ରୀଜଗନ୍ନାଥଙ୍କ ମହିମା ବିଭିନ୍ନ ପୁରାଣ ଓ ସଂହିତାରେ ବର୍ଣ୍ଣିତ ହୋଇଛି । ଭକ୍ତ ବତ୍ସଳ ନୀଳାଦ୍ରି ସିଂହ କେତେବେଳେ କେଉଁ ଭକ୍ତକୁ କିପରି ଭାବରେ ତାରିଛନ୍ତି, ତା'ର ହିସାବ କରାଯାଇ ପାରିବ ନାହିଁ । କେତେବେଳେ ସେ ଭକ୍ତମାନଙ୍କ ପାଇଁ 'ଶରଧାବାଲି'ରେ ରଥ ଅଟକାଇଛନ୍ତି ତ କେତେବେଳେ ଭକ୍ତର ମନୋବାଞ୍ଛା ପୂରଣ ପାଇଁ ସମୁଦ୍ରତଟର 'ବାଲିରଥ'ରେ ବିଜେ କରିଛନ୍ତି । ଅନ୍ୟ କେତେବେଳେ ଭକ୍ତ ପ୍ରଦତ୍ତ ନାରିକେଳକୁ ଅମୃତମଣୋହି ଭାବରେ ଗ୍ରହଣ କରିଛନ୍ତି । ଯୁଗେ ଯୁଗେ ସେ ପତିତପାବନ ବାନା ଉଡ଼ାଇ ଆସିଛନ୍ତି ଓ ଭକ୍ତମାନଙ୍କୁ ଚତୁର୍ବର୍ଗ ଫଳ ପ୍ରଦାନ କରିଛନ୍ତି । ଆର୍ତ୍ତମାନଙ୍କୁ ରକ୍ଷା କରି ସେ ଆର୍ତ୍ତତ୍ରାଣ ବାନା ଉଡ଼ାଇଛନ୍ତି । ତେଣୁ କବି ସମ୍ରାଟ ଉପେନ୍ଦ୍ରଭଞ୍ଜ ଭକ୍ତ ବତ୍ସଳ ଜଗନ୍ନାଥଙ୍କ କଥା ବର୍ଣ୍ଣନା କରିବାକୁ ଯାଇ ଲେଖିଛନ୍ତି :

**ଯେ କମ୍ବୁ କଟକ ରାଜା ନାମ ଜଗନ୍ନାଥ**
**ଚଉବର୍ଣ୍ଣେ ଚଉବର୍ଗ ଦେବାକୁ ସମର୍ଥ ।**
**ଭରସା କରି ଆସନ୍ତି ଦୂର ଦେଶୁଁ ପ୍ରାଣୀ**
**ଆରତନାଶନ ଦୀନବନ୍ଧୁ ନାମ ଶୁଣି**
**କରଯୋଡ଼ି ଛାମୁରେ ଜଣାଏ ପକ୍ଷୀଧବ**
**ଆର୍ତ୍ତଜନ ଗୁହାରିକୁ ସାବଧାନ ହେବ ।**

ଭକ୍ତ ଅନେକ, ଭକ୍ତି ମଧ୍ୟ ଅନେକ । ହେଲେ ନବଧା ଭକ୍ତି ସର୍ବପ୍ରଧାନ । ଏହି ଭକ୍ତି ବଳରେ ଭକ୍ତ ନିଜକୁ ସମ୍ପୂର୍ଣ୍ଣ ଭାବେ ଭଗବାନଙ୍କ ନିକଟରେ ସମର୍ପଣ କରିଦିଏ । ସତୀ ସୀତା, ଶ୍ରୀରାଧା, ସୁରଦାସ, ତୁଳସୀ ଦାସ, ମୀରାବାଈ, ଜଗନ୍ନାଥ ଦାସ, ସାଲବେଗ ଆଦି ଭକ୍ତବୃନ୍ଦ ଏହି ଆତ୍ମ ନିବେଦନ ଭକ୍ତି ବଳରେ ଈଶ୍ୱରଙ୍କର ସତ୍ତା ଉପଲବ୍ଧି କରି ପାରିଥିଲେ । ଠିକ୍ ସେପରି ଆଧୁନିକ ଯୁଗରେ ନିମାଇଁ ହରିଚନ୍ଦନ ଏହି ଆତ୍ମ ନିବେଦନ ଭକ୍ତିରେ ଆତ୍ମ ସାକ୍ଷାତକାରର ଅଧିକାରୀ ହୋଇପାରିଥିଲେ । ପୂର୍ବଜନ୍ମର କର୍ମଫଳ ହେତୁ ସେ ଜଣେ ଭକ୍ତଭାବରେ ଶ୍ରୀକ୍ଷେତ୍ରରେ ବାସ କରି ଜଗନ୍ନାଥଙ୍କର ସେବା ପୂଜା କରି ନିଷ୍ଠା ଓ ତପସ୍ୟା ବଳରେ ସମସ୍ତ ପଦପଦବୀକୁ ପଛରେ ପକାଇ ଶରଧାବାଲିରୁ ହାତେ ନେଇ ପ୍ରଭୁଙ୍କ ମହିମା ଗାଇ ଗାଇ ଶେଷରେ ସେହି ମହାପ୍ରଭୁଙ୍କ ଦେହରେ ଲୀନ ହୋଇ ଯାଇଥିଲେ ।

ଭକ୍ତ ନିମାଇଁ ହରିଚନ୍ଦନ ଏକାଧାରରେ ଥିଲେ ଜଣେ ଭକ୍ତ, କବି ଏବଂ ଗାୟକ । ଜଗନ୍ନାଥ ଥିଲେ ତାଙ୍କର ପ୍ରାଣ । ଜଗନ୍ନାଥଙ୍କୁ ଅର୍ପଣ ନ କରି ସେ କୌଣସି ପଦାର୍ଥ ଗ୍ରହଣ କରୁ ନ ଥିଲେ । ପ୍ରତିଦିନ ସେ ନୀଳାଦ୍ରୀଶଙ୍କୁ ନୀଳାଦ୍ରିକନ୍ଦରରେ ଦର୍ଶନ ନ କଲେ, ଅନ୍ନ ଜଳ ସୁଦ୍ଧା ସ୍ପର୍ଶ କରୁ ନ ଥିଲେ । କି ବର୍ଷା, କି ଖରା, କି ଶୀତ, ସବୁଦିନ ଭୋରରୁ ଶ୍ରୀମନ୍ଦିରରେ ମଙ୍ଗଳ ଆଳତି ଓ ଅବକାଶ ଦର୍ଶନ କରି ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ମଙ୍ଗଳ ଆଳତି ପରେ ଶ୍ରୀମନ୍ଦିର ଜଗମୋହନରେ ତାଙ୍କ ଲଳିତ କଣ୍ଠରୁ ମଧୁର ସଙ୍ଗୀତରସର ଆସ୍ୱାଦନ ଯେ ଥରେ ମାତ୍ର କରିବାର ସୌଭାଗ୍ୟ ଲାଭ କରିଛି - ସେ ତାଙ୍କୁ ଜୀବନରେ ଭୁଲି ପାରିନାହିଁ ।

ଭକ୍ତ ଶିରୋମଣି ନିମାଇଁ ହରିଚନ୍ଦନ ୧୯୦୧ ମସିହାରେ କେନ୍ଦ୍ରାପଡ଼ାର ଏକ ରାଜପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କର ନାମ ବୃନ୍ଦାବନ ଚନ୍ଦ୍ର ଓ ମାତାଙ୍କ ନାମ ଇନ୍ଦ୍ରମଣି ଦେବୀ । ପ୍ରବାଦ ଅଛି, 'ସ୍ୱର୍ଗରେ ଇନ୍ଦ୍ର ମର୍ତ୍ତ୍ୟରେ ନରେନ୍ଦ୍ର' । ଭକ୍ତ ବାଣୀକଣ୍ଠ କେନ୍ଦ୍ରାପଡ଼ାର ରାଜା ରାଧାଶ୍ୟାମ ନରେନ୍ଦ୍ରଙ୍କର ବଂଶଧର ଥିଲେ ।

କେନ୍ଦ୍ରାପଡ଼ାର ଏହି ନରେନ୍ଦ୍ର ବଂଶର ଇଷ୍ଟଦେବତା ଥିଲେ ରାଧାଶ୍ୟାମ । ରାଧାଶ୍ୟାମଙ୍କର ପୂଜା, ଆଳତି, ବେଶଭୂଷଣ ପ୍ରଭୃତି ଦୈନନ୍ଦିନ କାର୍ଯ୍ୟକ୍ରମ ପ୍ରତି ନିମାଇଁଙ୍କର ବାଲ୍ୟକାଳରୁ ଶ୍ରଦ୍ଧା ଥିଲା । ସେ ଅନୁଭବ କରୁଥିଲେ, ସତେ ଯେପରି ଦିଅଁଙ୍କର ସେବାପୂଜା ସ୍ୱହସ୍ତରେ କରୁଛନ୍ତି । ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ତାଙ୍କ ହୃଦୟରେ ଅଭିନବ ଭକ୍ତିଭାବର ଜାଗରଣ ହୋଇଥିଲା । ସେ ପ୍ରତିଦିନ ଭକ୍ତିପୂତ ଚିତ୍ତରେ ଦଣ୍ଡାୟମାନ ହୋଇ ଠାକୁରଙ୍କ ନିକଟରେ ଜଣାଣ ଗାଉଥିଲେ । ବାଳକଟି ଭବିଷ୍ୟତ ଜୀବନରେ ଜଣେ ଭକ୍ତ ହେବ, ଏହା ବିଜ୍ଞ ବ୍ୟକ୍ତିମାନେ ଅନୁମାନ କରି ପାରିଥିଲେ ।

ନିମାଇଁ ଚରଣ ଆବାଲ୍ୟରୁ ସଙ୍ଗୀତ ସାହିତ୍ୟର ଅନୁରାଗୀ ଥିଲେ । ଯେଉଁଠାରେ ସଙ୍ଗୀତର ଆବୃତ୍ତି କରା ଯାଉଥିଲା, ନିମାଇଁ କ୍ରୀଡ଼ା କୌତୁକ ଭୁଲିଯାଇ ସେଠାକୁ ଯାଇ ତାହା ଶ୍ରବଣ କରୁଥିଲେ । କ୍ରମେ ସଙ୍ଗୀତ ଶିକ୍ଷା ପ୍ରତି ତାଙ୍କର ଆଗ୍ରହ ହେଲା । ଏଥିପାଇଁ ତାଙ୍କୁ ଅନ୍ୟ କାହାକୁ ଖୋଜିବାକୁ ପଡ଼ି ନ ଥିଲା । ଗିରିଧାରୀ ଜେନା ଓ ଗୋକୁଳ ଜେନା ନାମରେ ତାଙ୍କର ଦୁଇଜଣ ଦାଦା ଥିଲେ । ସେମାନଙ୍କୁ ଗାଉଣା ବାଜଣା ଜଣାଥିଲା । କିଶୋର ଅବସ୍ଥାରେ ନିମାଇଁ ତାଙ୍କଠାରୁ ଗାନ ବାଦନ ଶିକ୍ଷା କଲେ । ତାଳ, ଲୟର ସମତା ରଖି ନିମାଇଁ ସଙ୍ଗୀତ ଗାନ କରି ସେ ଶ୍ରୋତାମାନଙ୍କୁ ବିସ୍ମିତ କରି ଦେଉଥିଲେ । ମର୍ଦ୍ଦଳ, ମୃଦଙ୍ଗ, ହାରମୋନିୟମ୍, ବେହେଲା ପ୍ରଭୃତି ବାଦ୍ୟରେ ତାଙ୍କର ଦକ୍ଷତା ଆସି ଯାଇଥିଲା । ସେ ସର୍ବପ୍ରଥମେ 'ରାଧେ ଗୋବିନ୍ଦ ଭଜ' ଗୀତଟି ରଚନା କରି ଇଷ୍ଟ ଦେବଙ୍କ ନିକଟରେ ଗାନ କରୁଥିଲେ । ହେଲେ ନିମାଇଁ ଏତିକିରେ ସନ୍ତୁଷ୍ଟ ହୋଇ ପାରି ନ ଥିଲେ । ଅଳ୍ପଜଳରେ ପ୍ରବଳ ପିପାସା ଉପଶମ ନ ହେଲା ପରି, ସଙ୍ଗୀତ ଶିକ୍ଷାର ଲାଳସା ତାଙ୍କର ବେଳୁବେଳ ବୃଦ୍ଧି ହେଉଥିଲା । ସେହି ସମୟରେ ଆର୍ତ୍ତବନ୍ଧୁ ପାତ୍ର ନାମରେ ଜଣେ ସଙ୍ଗୀତଜ୍ଞ ଥିଲେ । ନିମାଇଁ ତାଙ୍କଠାରୁ ସଙ୍ଗୀତ ଶିକ୍ଷା କରିବା ସଙ୍ଗେ ସଙ୍ଗେ ମାଧେରାଓଙ୍କ ଠାରୁ ମଧ୍ୟ ହିନ୍ଦୁସ୍ଥାନୀ ସଙ୍ଗୀତ ଶିକ୍ଷା କରିଥିଲେ । ମୋଟ ଉପରେ କହିବାକୁ ଗଲେ, ସଙ୍ଗୀତ ପାଇଁ ସେ ଜୀବନକୁ ଉତ୍ସର୍ଗ କରି ଦେଇ ଥିଲେ; ସଙ୍ଗୀତ ଚର୍ଚ୍ଚାରୁ ସେ ସର୍ବଦା ସୁଖ ଅନୁଭବ କରୁଥିଲେ ।

ଓଡ଼ିଶାର ବିଶିଷ୍ଟ ନାଟ୍ୟକାର ମୋହନ ସୁନ୍ଦର ଗୋସ୍ୱାମୀଙ୍କର ରାସଲୀଳା ତତ୍କାଳୀନ ଜନ ସମାଜରେ ବିଶେଷ ଭାବରେ ଆଦୃତ ହୋଇଥିଲା । ଅଭିନବ ଗାୟକ ନିମାଇଁ ସେହି ରାସଦଳରେ ଯୋଗଦାନ କରି ସଙ୍ଗୀତ ପରିବେଷଣର ସୁଯୋଗ ଲାଭ କଲେ । ରାସଲୀଳାର ସଂସ୍ପର୍ଶରେ ଆସି ତାଙ୍କ ହୃଦୟରେ ରାଧାକୃଷ୍ଣଙ୍କ ପ୍ରତି ଦାସ୍ୟ ଭାବର ସଞ୍ଚାର ହୋଇଥିଲା । ସ୍ୱକୁଳର ଇଷ୍ଟଦେବ ରାଧାଗୋବିନ୍ଦ ଦେବଙ୍କ ସ୍ତୁତିରକ୍ଷା ଉଦ୍ଦେଶ୍ୟରେ ସେ ପ୍ରତି ସନ୍ଧ୍ୟାରେ ସ୍ୱରଚିତ 'ରାଧେ ଗୋବିନ୍ଦ ଭଜ' ଗୀତଟିକୁ ଗାନ କରୁଥିଲେ ।

ବାଣୀକଣ୍ଠ ନିମାଇଁ ବହୁମୁଖୀ ପ୍ରତିଭାର ଅଧିକାର ପ୍ରାପ୍ତ ହୋଇଥିଲେ । ୧୯୩୩ ମସିହାରେ ଉତ୍କଳ ସଙ୍ଗୀତ ସାହିତ୍ୟ ସମାଜରେ ଯୋଗଦାନ କରି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଓଡ଼ିଶୀ ସଙ୍ଗୀତ ଗାନରେ ମୁଗ୍ଧ ହୋଇ ଗଜପତି ତାଙ୍କୁ ସ୍ୱର୍ଣ୍ଣପଦକ ଉପହାର ଦେଇଥିଲେ । ଛାନ୍ଦ ସଙ୍ଗୀତ ଗାନରେ ତାଙ୍କର ଯଥେଷ୍ଟ କୃତିତ୍ୱ ଥିଲା । ଏଥିପାଇଁ ୧୯୫୪ ମସିହାରେ 'ଭାରତ ସଙ୍ଗୀତ ଏକାଡ଼େମୀ' ତାଙ୍କୁ ସମ୍ବର୍ଦ୍ଧିତ କରିଥିଲା । ୧୯୬୩ରେ ଜାମସେଦପୁର 'ଉତ୍କଳ ବାନ୍ଧବ ସମିତି' ଓ 'ପ୍ରବାସୀ ସାହିତ୍ୟ ଚକ୍ର' ତଥା 'ଗୋଲମୁରୀ' ଉତ୍କଳ ସମାଜ ଦ୍ୱାରା ସେ ପ୍ରଶଂସିତ ହୋଇଥିଲେ । ୧୯୬୬ରେ ପ୍ରଜାତନ୍ତ୍ର ପ୍ରଚାର ସମିତି ମାଧ୍ୟମରେ ଯେଉଁ ବିଷୁବ ମିଳନର ଆୟୋଜନ ହୋଇଥିଲା, ନିମାଇଁ ଚରଣ ବିଶିଷ୍ଟ ସଙ୍ଗୀତଜ୍ଞ ଭାବରେ ସେଠାରେ ସମ୍ବର୍ଦ୍ଧନା ଲାଭ କଲେ । ଗାୟକଙ୍କର ସ୍ୱତନ୍ତ୍ର କଣ୍ଠସ୍ୱର ଶ୍ରବଣରେ ଗ୍ରାମ୍‌ଫୋନ୍ କମ୍ପାନୀର କର୍ମକର୍ତ୍ତାମାନେ ତନ୍ମୟ ଭାବରେ ତାଙ୍କୁ 'ବାଣୀକଣ୍ଠ' ଉପାଧି ପ୍ରଦାନ କରିଥିଲେ । ତାଙ୍କର ଅସାମାନ୍ୟ ଅବଦାନ ନିମନ୍ତେ ସର୍ବଶେଷରେ ଭାରତ ସରକାରଙ୍କ ଠାରୁ ତାଙ୍କୁ 'ପଦ୍ମଶ୍ରୀ' ଉପାଧି ମିଳିଥିଲା ।

କେବଳ ଜଗନ୍ନାଥଙ୍କ କରୁଣାକଟାକ୍ଷ ଦ୍ୱାରା ସେ ଏତେ ଗୁଡ଼ିଏ ସମ୍ମାନର ଅଧିକାରୀ ହୋଇ ପାରିଥିଲେ । ସେ ଥିଲେ ନୀଳାଦ୍ରିବିହାରୀଙ୍କର ନୈଷ୍ଠିକ ଭକ୍ତ । ସର୍ବମଙ୍ଗଳ ଜଗନ୍ନାଥ ଦେବଙ୍କ ପାଦପଦ୍ମରେ ସେ ନିଜର ସର୍ବସ୍ୱ ସମର୍ପଣ କରିଥିଲେ । ଜଗନ୍ନାଥ ନାମ ଉଚ୍ଚାରଣ ଓ ଶ୍ରବଣ ମାତ୍ରେ ତାଙ୍କ ଅଙ୍ଗର ଲୋମରାଜି ପୁଲକିତ ହୋଇ ଉଠୁଥିଲା । ଭାବବିହ୍ୱଳ ହୋଇ ତାଙ୍କର କଣ୍ଠରୁଦ୍ଧ ହୋଇ ଯାଉଥିଲା । ଅପୂର୍ବ ଆନନ୍ଦରେ ତାଙ୍କ ନୟନଯୁଗଳରୁ ଆନନ୍ଦାଶ୍ରୁ ଝରି ଯାଉଥିଲା । 'ଜଗନ୍ନାଥୈକ ଆତ୍ମା' ଏହି ଭାବରେ ସେ ନିଜକୁ ମଜ୍ଜାଇ ଦେଇଥିଲେ ।

୧୯୩୩ ମସିହା ଥିଲା ନିମାଇଁ ଚରଣଙ୍କ ପକ୍ଷରେ ଶୁଭ ସମ୍ବତ୍ସର । ଏହି ଅମୃତ ଅବସରଟି ତାଙ୍କ ଜୀବନରେ ବହୁଧା ପ୍ରସିଦ୍ଧି ଆଣି ଦେଇଥିଲା । ସେ ପ୍ରଥମେ 'ହିଜ୍ ମାଷ୍ଟର୍ସ

ଭଏସ୍' ରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ 'ବିତଳକୁ ଆଲିଙ୍ଗନ' ଗୀତଟି ରେକର୍ଡ଼ିଂ କରିଥିଲେ । ବାସ୍ତବିକ ଏହି କଣ୍ଠଦାନ ଥିଲା ତାଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ସମୟ । ଏହାର ପରବର୍ତ୍ତୀ କାଳରେ ବହୁମୁଖୀ ସିଦ୍ଧି ତାଙ୍କ ହାତମୁଠାକୁ ଆସି ଯାଇଥିଲା ।

ବିପୁଳଯଶା କଣ୍ଠଶିଳ୍ପୀଙ୍କର କେତେକ ରେକର୍ଡ଼ିଂ ସଙ୍ଗୀତ ମଧ୍ୟରେ 'ଥକାମନ ଚାଲଯିବା', 'କଳାକୃଷ୍ଣ କମଳ ଆଖି', 'ଚକାଡ଼ୋଳା କିମ୍ବା ଡ଼ାକ ନ ଶୁଣ', 'ଜଗାକାଳିଆକୁ କାହିଁକି ଡ଼ାକ' ଆଦି ସଙ୍ଗୀତ ଗୁଡ଼ିକ ଶ୍ରୁତିମଧୁର ଓ ମର୍ମସ୍ପର୍ଶୀ । ଏଚ୍. ଏମ୍.ଭି. କମ୍ପାନୀ ସାହାଯ୍ୟରେ ନିମାଇଁ ଚରଣ ହରିଚନ୍ଦନଙ୍କର ୧୨୭ଟି ଭଜନ ଓ ଜଣାଣ ରେକର୍ଡ଼ିଂ ହୋଇଥିଲା । ବାସ୍ତବିକ ଏହି ଗୀତ ଶ୍ରବଣରେ ପାଷାଣ୍ଡର ନିର୍ମମ ହୃଦୟ ମଧ୍ୟ ତରଳିଯାଏ । ଦାମ୍ଭିକ ନାସ୍ତିକର ଅନ୍ତରରେ ଆସ୍ତିକ ଭାବ ଉଦୟ ହୁଏ । କବିଙ୍କ ଯଶ, ଖ୍ୟାତି ଏପରି ଭାବରେ ବ୍ୟାପି ଯାଇଥିଲା ଯେ, କଲିକତା ରେଡ଼ିଓ ଷ୍ଟେସନରୁ ୧୯୩୪ରେ ତାଙ୍କୁ ଆମନ୍ତ୍ରଣ କରା ଯାଇଥିଲା । ସେ ଆକାଶବାଣୀ କଟକ କେନ୍ଦ୍ରକୁ ମଧ୍ୟ ଗାଇବାକୁ ଯାଇଥିଲେ । ୧୯୪୮ ମସିହାର ଡ଼ିସେମ୍ବର ମାସ ୨୮ ତାରିଖ ଦିନ 'କଟକ ବେତାର କେନ୍ଦ୍ର' ସଙ୍ଗୀତ ଶିଳ୍ପୀ ଭାବରେ ହରିଚନ୍ଦନ ତାଙ୍କର ପ୍ରଥମ ଗୀତଟି ଗାନ କଲେ । ଗୀତଟି ଥିଲା ଅଭିମନ୍ୟୁ ସାମନ୍ତସିଂହାରକୃତ ବିଦଗ୍ଧ ଚିନ୍ତାମଣିର 'ଶ୍ରୀରାଧା ବାତୁଳି ପ୍ରେମ ରସାତୁଳୀ ଘେନ ଚିହ୍ନରା ଗ୍ରାହକମାନେ' । ଧର୍ମପ୍ରାଣ ଓଡ଼ିଆ ଶ୍ରୋତାମାନେ ତାଙ୍କ ମୁଖରୁ ଏହି ଗୀତଟି ଶୁଣି ଶତମୁଖରେ ତାଙ୍କର ପ୍ରଶଂସା କରିଥିଲେ । ଆକାଶ ମଣ୍ଡଳରେ ପୂର୍ଣ୍ଣଚନ୍ଦ୍ର ଉଦୟ ହେଲେ ତାଙ୍କର ନିର୍ମଳ କିରଣମାଳା ଅନାୟାସରେ ଯେପରି ଦିଗଦିଗନ୍ତ ବିସ୍ତାରିତ ହୋଇଯାଏ, ସେହିପରି ଉଦାରଚେତା ନିମାଇଁଙ୍କର ଯଶଖ୍ୟାତି ବିନା ପ୍ରୟାସରେ ଗୁଣୀଗଣଙ୍କ ମଧ୍ୟରେ ବ୍ୟାପି ଯାଇଥିଲା । ସ୍ୱୟଶ ବିକାଶର ଗୌରବମୟ ମହତ୍ତ୍ୱ ତାଙ୍କୁ ଆତ୍ମସଂଯମରୁ ତିଳେ ମାତ୍ର ବିଚଳିତ କରି ପାରି ନ ଥିଲା ।

ବାସ୍ତବିକ ଗାନ କରିବାର ଅଦମ୍ୟ ଲାଳସା ନିମାଇଁ ଚରଣଙ୍କୁ ଗୀତ ରଚନା କରିବାର ପ୍ରେରଣା ଦେଇଥିଲା । ସେ ତାଙ୍କ ଜୀବନରେ ଭକ୍ତି ସମ୍ବଳିତ କେତେଗୁଡ଼ିଏ ଜଣାଣ ଓ ଭଜନ ରଚନା କରିଥିଲେ । ତନ୍ମଧ୍ୟରୁ (୧) ମଣିମା, ତୁମ୍ଭ ଶ୍ରୀମୁଖ ଚାହିଁଲେ ମଣିମା....(୨) ଆହେ ଚକାଆଖି.......... (୩) ମହାପ୍ରଭୁ କିମ୍ବା ନ ଶୁଣ ଡ଼ାକ....(୪) ଚକାନୟନ ହେ ପ୍ରଭୁ ଜଗଜୀବନ ......(୫) ପ୍ରଭୁ ଗୁହାରୀ ହେଉ ମୋ ଘେନା... ଗୀତଗୁଡ଼ିକ ପ୍ରଧାନ ।

ଭକ୍ତଙ୍କର ଭକ୍ତି ଗୀତିକା ଗୁଡ଼ିକରୁ ତାଙ୍କ ହୃଦୟର ଯଥାର୍ଥ ପରିଚୟ ମିଳେ । ନିମାଇଁ ପ୍ରକୃତରେ ଭକ୍ତି ପଥର ପଥିକ ଥିଲେ । ସୁଖ ସ୍ୱାଚ୍ଛନ୍ଦ୍ୟରେ ତାଙ୍କର କାଳ କଟି ନ ଥିଲା, ତାଙ୍କୁ ଅନେକ ସାଂସାରିକ ଯନ୍ତ୍ରଣା ଭୋଗ କରିବାକୁ ପଡ଼ିଥିଲା । ଏକ ଦୁଃଖମୟ ପରିବେଶ ମଧ୍ୟରେ ଥାଇ ସୁଦ୍ଧା ସେ ଆତ୍ମସଂଯମ ହରାଇ ନ ଥିଲେ । ତତ୍ତ୍ୱଜ୍ଞାନ ଦ୍ୱାରା ସେ ଜାଣି ପାରିଥିଲେ, ଦୁଃଖ ଓ ସୁଖ ଦୁଇଟିଯାକ ମାନବ ଜୀବନର କ୍ରୀଡ଼ାବସ୍ତୁ । ସମୟ ଅନୁସାରେ ଉଭୟଙ୍କର ଗତାଗତ ଚାଲିଛି । ତେଣୁ ଏଥିରେ ବିଚଳିତ ହେବାର କ'ଣ ଅଛି ? ପ୍ରାୟ ଭକ୍ତମାନେ ଦୁଃଖ ଦୁର୍ବିପାକ ମଧ୍ୟରେ ଗତି କରି ମଧ୍ୟ ଭଗବାନଙ୍କ ଠାରେ ନିଜର ଭକ୍ତି ଅକ୍ଷୁଣ୍ଣ ରଖନ୍ତି । ଏହା ସଂସାର ମଧ୍ୟରେ ଦେଖାଯାଏ । ଭକ୍ତ ନିମାଇଁ ଚରଣ ଏଥିରୁ ବା ବାଦ୍ ଯାଆନ୍ତେ କିପରି ?

ଭକ୍ତ ବାଣୀକଣ୍ଠ ତାଙ୍କର ଶେଷଜୀବନ ଶ୍ରୀକ୍ଷେତ୍ର ମଧ୍ୟରେ କଟାଇଥିଲେ । ନିଜର ପ୍ରାଣପ୍ରିୟ, ସର୍ବସୁଖ ବିଧାୟକ ଜଗନ୍ନାଥଙ୍କୁ ଛାଡ଼ି ସେ ଅନ୍ୟତ୍ର ଯାଇ ନ ଥିଲେ । ସେ ପ୍ରତ୍ୟହ ମଙ୍ଗଳ ଆଳତି ସମୟରେ ଶ୍ରୀମନ୍ଦିରକୁ ଆସୁଥିଲେ । ପ୍ରଭୁଙ୍କ ଛାମୁରେ ଦଣ୍ଡାୟମାନ ହୋଇ ସ୍ୱରଚିତ ଗୀତଗୁଡ଼ିକୁ ଭକ୍ତିଗଦଗଦ କଣ୍ଠରେ ଗାନ କରୁଥିଲେ । ବାତାହତ ଲତାଟି ପରି ତାଙ୍କର ପ୍ରେମ ପୁଲକ ଶରୀରଟି ବେଳେବେଳେ କମ୍ପି ଉଠୁଥିଲା । ଭାବଭରା ନୟନ ଦୁଇଟି ମୁଦି ହୋଇ ଯାଉଥିଲା । ଭକ୍ତପ୍ରବର ଗୀତ ଗାନ କରିସାରି ଭୂମିଷ୍ଠ ପ୍ରଣାମ ଅନ୍ତେ ସ୍ୱଗୃହକୁ ବାହୁଡ଼ି ଯାଆନ୍ତି । ନିମାଇଁ ମନ୍ଦିର ମଧ୍ୟରୁ ଫେରିଯାନ୍ତି ସତ, କିନ୍ତୁ ତାଙ୍କ ମନ ମନ୍ଦିରରୁ ଫେରୁ ନ ଥିଲା ।

ଜଗନ୍ନାଥଙ୍କ ନିକଟରେ ନିମାଇଁଙ୍କର ନିର୍ମଳ ଭକ୍ତି ଥିଲା । ଦୈବଯୋଗକୁ ସେ ସମସ୍ତଙ୍କର ପ୍ରିୟପାତ୍ର ହୋଇ ପାରିଥିଲେ । ତେଣୁ ସେବା ଉଦ୍ଦେଶ୍ୟରେ ତାଙ୍କୁ ସେପରି କିଛି ବିଶେଷ ଶ୍ରମ ସ୍ୱୀକାର କରିବାକୁ ପଡ଼ି ନ ଥିଲା । ପ୍ରଭୁଙ୍କ କରୁଣା କଟାକ୍ଷରୁ ସେ 'ଚାମର ସେବା' ଲାଭ କଲେ । ଦରିଦ୍ର ନିଧି ଲାଭ କଲା ପରି ତାଙ୍କର ଅନ୍ତର ଆନନ୍ଦରସରେ ସିକ୍ତ ହୋଇଗଲା ।

ଓଡ଼ିଶାର ଏହି ଲବ୍ଧ ପ୍ରତିଷ୍ଠ ଛାନ୍ଦ, ଜଣାଣ ଓ ଭକ୍ତି ସଙ୍ଗୀତର ଆଜୀବନ ପରିବେଷକ ତଥା ଶ୍ରୀଜଗନ୍ନାଥଙ୍କର ଭକ୍ତ ଶିରୋମଣି ନିମାଇଁ ହରିଚନ୍ଦନଙ୍କ ସହିତ ମୋର ସମ୍ପର୍କ ଥିଲା । ଅନେକ ସମୟରେ ମଙ୍ଗଳ ଆଳତି ଦର୍ଶନ ପରେ ମୁଁ ଶ୍ରୀମନ୍ଦିରରେ ଭକ୍ତଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ଲାଭ କରେ । ବେଳେ ବେଳେ ଆମେ ଏକାଠି ବସି କଥା ହେଉ ।

ଦିନେ ଭକ୍ତ ତାଙ୍କ ଜୀବନର ଗୋଟିଏ ରହସ୍ୟମୟ ଘଟଣା ମୋ ନିକଟରେ ବର୍ଣ୍ଣନା କରିଥିଲେ । ଏହି ଘଟଣାଟି ତାଙ୍କର ନୀଳାଦ୍ରୀଶଙ୍କ ପ୍ରତି ଐକାନ୍ତିକ ଭକ୍ତିର ଏକ ଜ୍ୱଳନ୍ତ ପ୍ରମାଣ । ଥରେ ସେ ରାତ୍ରଭୋଜନ ଶେଷକରି ଗାଢ଼ ନିଦ୍ରାରେ ଶୟନ କଲେ । ପ୍ରଭାତରୁ ଉଠି ଜାଣିଲେ, ତାଙ୍କର ଡ଼ାହାଣପଟ କର୍ଣ୍ଣ ଦ୍ୱାର ଭିତରେ ଭୟଙ୍କର ଯନ୍ତ୍ରଣା ହେଉଛି । ମୁଣ୍ଡଟି ତାଙ୍କୁ ଓଜନିଆ ଜଣାପଡୁଛି । ଭାବିଲେ - ଥଣ୍ଡାର ଆଧିକ୍ୟ ହେତୁ ଏ ରୋଗଟିର ଉତ୍ପତ୍ତି ହୋଇଛି । ଏହାର ଆଶୁ ପ୍ରତିକାର ନିମନ୍ତେ ବିହିତ ବ୍ୟବସ୍ଥା କରିବା ଆବଶ୍ୟକ ।

କିନ୍ତୁ ଉପଯୁକ୍ତ ଔଷଧ ପ୍ରୟୋଗ ଦ୍ୱାରା ମଧ୍ୟ ବ୍ୟାଧିର ଉପଶମ ହେଲାନାହିଁ । ଧୈର୍ଯ୍ୟଶୀଳ ନିମାଇଁ ବିବ୍ରତ ହୋଇପଡ଼ିଲେ । ଦଇବେ ବୃଦ୍ଧ ବୟସର ଶକ୍ତିହୀନ ଶରୀର, ସେଥିରେ ପୁଣି ଭକ୍ତି ସୁଲଭ କୋମଳତା ପ୍ରତି ଶିରାପ୍ରଶିରାରେ ପୂରି ରହିଛି । ଯେଉଁ ଅବସ୍ଥାରେ ତାଙ୍କର ନିତାନ୍ତ ସୁଖ ଲୋଡ଼ା, ସେ ଅବସ୍ଥାରେ ଏ ଯନ୍ତ୍ରଣା ସହି ପାରିବେ କିପରି ? ଜୀବନର ପ୍ରିୟତମ ଜଗନ୍ନାଥଙ୍କ ପ୍ରତି ତାଙ୍କ ମନରେ ତିକ୍ତଭାବ ଆସିଲା । ସେ ବିରକ୍ତିଭରା କଣ୍ଠରେ କହିଲେ - 'ପ୍ରଭୁ, ଶେଷ କାଳରେ ଏ ଦାରୁଣ ଦୁଃଖ ଦେଲ । ତୁମର ପୂର୍ବ କରୁଣା ମୋ ଠାରେ କ'ଣ ଆଉ ନାହିଁ ? ଦୟାକରି ମୋର ଏ ଆକୁଳିତ ପ୍ରାଣଟାକୁ ନେଇଯାଅ ।'

ସେହି ରାତିରେ ସ୍ୱପ୍ନ ଦେଖିଲେ, ଜଣେ ବ୍ରାହ୍ମଣ ତାଙ୍କୁ କହୁଛନ୍ତି - 'ସିଂହଦ୍ୱାର ନିକଟରେ କୃଷ୍ଣବର୍ଣ୍ଣର ବାଳକଟିଏ ଔଷଧ ବାକ୍ସଟିଏ ଧରି ବୁଲୁଛି । ସେ କେତେ କାହାର ରୋଗ ଭଲ କଲାଣି । ତା' ନିକଟକୁ ଗଲେ ସେ ନିଶ୍ଚୟ ଭଲ କରିଦେବ ।'

ସ୍ୱପ୍ନ ବୃତ୍ତାନ୍ତଟି ତାଙ୍କ ମନରୁ ପାସୋରି ହୋଇ ନ ଥିଲା । ସେ ପ୍ରଭାତରୁ ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚିଲେ । କିନ୍ତୁ ବାଳକଟିର ପତ୍ତା ମିଳି ନ ଥିଲା । ସେ ନିରାଶ ହୋଇ ଫେରିଆସିଲେ । ଭାବିଲେ, ଏହା ଏକ ମିଥ୍ୟା ସ୍ୱପ୍ନ । ପ୍ରତିଦିନ ପରି ଉକ୍ତ ରାତ୍ରରେ ଶୟନ କଲେ । ପୁଣି ସ୍ୱପ୍ନ ଦେଖିଲେ, କଳାରଙ୍ଗର ବାଳକଟିଏ ଆସି ତାଙ୍କ କାନରେ ଔଷଧ ଲଗାଇ ଦେଉଛି । ପ୍ରଭାତରୁ ଉଠି ଜାଣିପାରିଲେ, ସେ ସମ୍ପୂର୍ଣ୍ଣ ଆରୋଗ୍ୟ । ଜଗନ୍ନାଥଙ୍କ ପ୍ରତି ତାଙ୍କର ଅନ୍ତର କୃତଜ୍ଞତାରେ ଭରିଗଲା ।

ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଯେଉଁ ନିବିଡ଼ ସମ୍ପର୍କ, ତାହା ସେ ପ୍ରାଣପ୍ରତିମ ଜଗନ୍ନାଥଙ୍କର ପଦପଙ୍କଜରେ ସ୍ଥାପନ କରି ପାରିଥିଲେ । ବିଭୁ ସଙ୍ଗୀତ ଗାନ କରି ସେ ଅଗଣିତ ଜନମାନସକୁ ଭକ୍ତିରସରେ ରସାଣିତ କରି ଦେଉଥିଲେ । ପ୍ରତ୍ୟହ ଶ୍ରୀଜଗନ୍ନାଥଙ୍କ ନିକଟରେ ଭଜନ କୀର୍ତ୍ତନ ପୂର୍ବକ ଚାମର ସେବା କରିବାକୁ ସେ ଜୀବନର ସର୍ବଶ୍ରେଷ୍ଠ ସୌଭାଗ୍ୟ ମନେ କରୁଥିଲେ । ଅହେତୁକ ଭକ୍ତି ଦ୍ୱାରା ନିମାଇଁ ସର୍ବଦା ଚାଳିତ ହେଉଥିଲେ । ନିର୍ମଳ ଭକ୍ତି ବ୍ୟତୀତ ଅଯଥା ଅଭିଳାଷ ତାଙ୍କର ନ ଥିଲା ।

ଏ ମାୟାମୟ ସଂସାର ମଧ୍ୟରେ ଜନ୍ମଗ୍ରହଣ କଲେ ନିଶ୍ଚୟ ଦିନେ ମରିବାକୁ ହେବ । ଏହା ଧ୍ରୁବ ସତ୍ୟ । କିନ୍ତୁ ବାଣୀକଣ୍ଠଙ୍କର ବିଦାୟକାଳୀନ ଘଟଣା ଅତି ଚମତ୍କାର ଥିଲା । ପ୍ରତିବର୍ଷ ସେ ଗୁଣ୍ଡିଚା ଦିନ ବଡ଼ଦାଣ୍ଡରେ ଉଭାହୋଇ ଭକ୍ତ ବାଞ୍ଛା କଳ୍ପତରୁ ଜଗନ୍ନାଥଙ୍କ ନିକଟରେ ନିଜର ବାଞ୍ଛା ବ୍ୟକ୍ତ କରୁଥିଲେ । ତାଙ୍କର କାକୁତି ମିନତିଭରା ଅଳି ଥିଲା, 'ପ୍ରଭୁ ହେ, ଗୀତ ଗାଉ ଗାଉ ଜୀବନ ଯାଉ ।'

୧୯୮୩ ମସିହା ଜୁଲାଇ ୧୯ ତାରିଖ ଦିନ ଶରଧାବାଲି ଭଜନ ସମାରୋହରେ ଲକ୍ଷ ଲକ୍ଷ ଭକ୍ତଙ୍କ ଉପସ୍ଥିତିରେ ସେ ସ୍ୱରଚିତ ସଙ୍ଗୀତ ଗାନ କରିଥିଲେ- 'ବାହୁଡ଼ା ତିଥିରେ ମୋତେ ବାହୁଡ଼ାଇ ନିଅ' । ଆଶ୍ଚର୍ଯ୍ୟର କଥା, ମହାପ୍ରଭୁଙ୍କ ବାହୁଡ଼ା ବିଜୟ ବେଳକୁ ଭକ୍ତଙ୍କର ବାହୁଡ଼ାବିଜୟ ସଂଘଟିତ ହେଲା । ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଅଭେଦ ସମ୍ପର୍କର ଏହା ଏକ ଜ୍ୱଳନ୍ତ ନିଦର୍ଶନ । ଐକାନ୍ତିକ ନିଷ୍ଠା ଓ ଦୃଢ଼ ଭକ୍ତିର ଦିବ୍ୟ ଶକ୍ତିରେ ପରିଚାଳିତ ହୋଇ ଭକ୍ତ ଭଗବାନଙ୍କ ସାନ୍ନିଧ୍ୟ ଲାଭ କରିଥିଲେ ।

ନିୟତିର ନିର୍ଦ୍ଦେଶକ୍ରମେ ଆଜି ବାଣୀକଣ୍ଠ ମରଦେହ ପରିତ୍ୟାଗ କରିଛନ୍ତି ସତ୍ୟ, ହେଲେ ତାଙ୍କର ପ୍ରଖ୍ୟାତ ଯଶଗୁଡ଼ିକ ତାଙ୍କୁ ଅମର କରି ରଖି ଯାଇଛନ୍ତି । ଗାୟକଙ୍କର ମଧୁର କଣ୍ଠ ନିଃସୃତ ଲଳିତ ପଦାବଳୀ ଯେଉଁମାନେ ଶ୍ରବଣ କରିଛନ୍ତି, ସେମାନେ ଆଜି ତାହାର ପ୍ରତିଧ୍ୱନି ନିଶ୍ଚୟ ଅନୁଭବ କରୁଥିବେ । ବାଣୀକଣ୍ଠଙ୍କର ସ୍ୱହସ୍ତ ସମ୍ପାଦିତ ଅମୃତୋପମ ପାକ ଜନତା ଆକଣ୍ଠ ଭୋଜନ କରି ପରମ ତୃପ୍ତି ଲାଭ କରିଛନ୍ତି । ଅଦ୍ୟାବଧି ରେକର୍ଡ଼ ଓ କ୍ୟାସେଟରେ ପରିବେଷିତ ହେଉଥିବା ବାଣୀକଣ୍ଠଙ୍କର କଣ୍ଠସ୍ୱର ଭକ୍ତ ଓ ସାଧୁ ଅନ୍ତରକୁ ଆନ୍ଦୋଳିତ କରୁଛି ।

❐❐❐

**ବିଭାଗୀୟ ମୁଖ୍ୟ (ଶିକ୍ଷା ବିଭାଗ)**
**ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଚାଳିତ ମହାବିଦ୍ୟାଳୟ**